# NATIONAL NEWS BULLETIN (ODIA)

## 16 March - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ୨୦୨୮ ମସିହା ସୁଦ୍ଧା ଜର୍ମାନ୍‌କୁ ପଛରେ ପକାଇ ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ।
- ଆସାମ ରାଇଫଲ୍ସର ସ୍ଥାନାନ୍ତରଣ ମିଜୋରାମର ବିକାଶ ପାଇଁ ହେବ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ-କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭୋଟର ପରିଚୟପତ୍ର ଓ ଆଧାର ସଂଯୋଗୀକରଣ ନେଇ ବୈଠକ କରିବେ ମୁଖ୍ୟ ନିର୍ବାଚନ କମିଶନର ।
- ନୂଆଦିଲ୍ଲୀରେ ଆଜି ଫିଟ୍ ଇଣ୍ଡିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଦ୍ୱିତୀୟଥର ଲାଗି ଟାଇଟଲ ହାସଲ କଲା ମୁମ୍ବଇ ଇଣ୍ଡିଆନ୍ସ ।

# ଇଣ୍ଡିଆ ମୋର୍ଗାନ ଷ୍ଟାନଲି

୨୦୨୮ ମସିହା ସୁଦ୍ଧା ଜର୍ମାନକୁ ପଛରେ ପକାଇ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ । ବିଶ୍ୱସ୍ତରୀୟ ଆର୍ଥିକ ସେବା ସଂସ୍ଥା ମୋର୍ଗାନ ଷ୍ଟାନଲୀର ଏକ ରିପୋର୍ଟରେ ଏହି ବିଷୟ କୁହାଯାଇଛି । ରିପୋର୍ଟ ଅନୁଯାୟୀ ୨୦୨୩ରେ ୩ ଦଶମିକ ୫ ଟ୍ରିଲିୟନ ଡଲାର ସମ୍ବଳିତ ଭାରତୀୟ ଅର୍ଥନୀତି ୨୦୨୬ ସୁଦ୍ଧା ୪ ଦଶମିକ ୭ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ଆକଳନ କରାଯାଇଛି । ୨୦୨୮ରେ ଭାରତ ଜର୍ମାନ ଅର୍ଥନୀତିକୁ ଅତିକ୍ରମ କରି ୫ ଦଶମିକ ୭ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ମୋର୍ଗାନ ଷ୍ଟାନ୍‌ଲି ରିପୋର୍ଟ ପ୍ରକାଶ କରିଛି । ଏହି ରିପୋର୍ଟରେ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଆଦୃତିଲାଭ କରିଥିବା ଉପଭୋକ୍ତା ବଜାର ଭାବରେ ଉଭା ହୋଇଛି ଏବଂ ସନ୍ତୁଳିତ ଅର୍ଥନୈତିକ ନୀତି ଓ ଉନ୍ନତ ଭିତ୍ତିଭୂମି ଯୋଗୁଁ ଭାରତ ବିଶ୍ୱ ଉତ୍ପାଦନରେ ପ୍ରମୁଖ ଭାଗିଦାର ହୋଇପାରିଛି । ମୋର୍ଗାନ ଷ୍ଟାନ୍‌ଲି ରିପୋର୍ଟ ଅନୁଯାୟୀ ୧୯୯୦ରେ ଭାରତ ଦ୍ୱାଦଶ ବୃହତ୍ ଅର୍ଥନୀତିରୁ ୨୦୦୦ରେ ତ୍ରୟୋଦଶ ସ୍ଥାନକୁ ଯିବାପରେ ୨୦୨୦ରେ ନବମ ଓ ୨୦୨୩ରେ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି ।

ରିପୋର୍ଟ ଅନୁଯାୟୀ ୨୦୨୯ସୁଦ୍ଧା ଭାରତର ବିଶ୍ୱ ଜିଡିପିରେ ଯୋଗଦାନ ୩ ଦଶମିକ ୫ ପ୍ରତିଶତରୁ ୪ ଦଶମିକ ୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଦେଶରେ ଉଦ୍ୟୋଗୀ ଶ୍ରେଣୀ ବୃଦ୍ଧି, ଉନ୍ନତ ଭିତ୍ତିଭୂମି, ସ୍ଥିର ଅର୍ଥନୈତିକ ନୀତି ଯୋଗୁଁ ଆଗାମୀ ଦଶନ୍ଧିରେ ବିଶ୍ୱ ଉତ୍ପାଦନ କ୍ଷେତ୍ରରେ ଭାରତ ପ୍ରମୁଖ ଅଂଶ ହାସଲ କରିବ ।

# ଅମିତ ଶାହା ମିଜୋରାମ

ଆଇଜଲ ସହରରୁ ଜୋଖାଓ୍ୱାସାଙ୍ଗଙ୍କୁ ଆସାମ ରାଇଫଲ୍ସର ସ୍ଥାନାନ୍ତରଣ ମିଜୋରାମର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ଆସାମ ରାଇଫଲ୍ସ ବାଟାଲିୟନ ମୁଖ୍ୟାଳୟକୁ କେନ୍ଦ୍ରୀୟ ଆଇଜଲରୁ ଜୋଖାଓ୍ୱାସାଙ୍ଗଙ୍କୁ ସ୍ଥାନାନ୍ତରଣ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି ରାଜ୍ୟର ଅଭିବୃଦ୍ଧି ଦିଗରେ ଏହା ସୁଫଳ ପ୍ରଦାନ କରିବ । ସହରର କେନ୍ଦ୍ରସ୍ଥଳରୁ ପ୍ରାୟ ୧୫ କିଲୋମିଟର ଦୂରକୁ ଏହାକୁ ସ୍ଥାନାନ୍ତର କରିବା ମିଜୋରାମର ବିକାଶ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଶ୍ରୀ ଶାହା କହିଛନ୍ତି । ମିଜୋରାମ ବାସୀଙ୍କ ଇଚ୍ଛାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ଏବଂ ରାଜ୍ୟର ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/o (Amit Saha on Peace)**

ସେ କହିଛନ୍ତି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ଜ୍ଞାନକୌଶଳ, ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା, କୃଷି ଏବଂ ବାଣିଜ୍ୟ ବିକାଶ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।

**V/o (Amit Saha on North East)**

# ଇସି-ଏପିକ

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୋଟର ପରିଚୟପତ୍ର ଏବଂ ଆଧାର ସଂଯୋଗୀକରଣ ନେଇ ଆଲୋଚନା ପାଇଁ ବୈଠକ ଡକାଇଛନ୍ତି । ଆସନ୍ତା ମଙ୍ଗଳବାର ଦିନ ମୁଖ୍ୟ ନିର୍ବାଚନ କମିଶନର କେନ୍ଦ୍ର ଗୃହ ସଚିବ ଓ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣର ସିଇଓଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡିଛି ।

# ୱେଭ୍ସ କନ୍‌କ୍ଲେଭ

ଚଳିତବର୍ଷ ମେ' ପହିଲାରୁ ମୁମ୍ବାଇରେ ବିଶ୍ୱ ଦୃଶ୍ୟଶ୍ରାବ୍ୟ ଏବଂ ମନୋରଞ୍ଜନ ସମ୍ମିଳନୀ-ୱେବ୍ସ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗୋଟିଏ ମଞ୍ଚରେ ଏକାଠି କରାଯାଇ ଦୃଶ୍ୟଶ୍ରାବ୍ୟ ଏବଂ ମନୋରଞ୍ଜନ କ୍ଷେତ୍ରର ଭବିଷ୍ୟତ ସମ୍ପର୍କରେ

ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି ଏବଂ ଏହି କ୍ଷେତ୍ରରେ ଭାରତର ଅବଦାନକୁ ବୃଦ୍ଧି କରିବା ଲାଗି ୱେଭ୍ସର ଆୟୋଜନ କରାଯାଇଛି ।

## ବୈଷ୍ଣବ ଟିଏନ୍

ତାମିଲନାଡୁରେ ୨ଟି ପ୍ରମୁଖ ଇଲେକ୍ଟ୍ରୋନିକ ନିର୍ମାଣ କ୍ଲଷ୍ଟରର ବିକାଶ ନିମନ୍ତେ କେନ୍ଦ୍ର ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି । ଏକହଜାର ୧୧୨ କୋଟି ଟଙ୍କା ବିନିଯୋଗରେ ଏହି ଦୁଇଟି କ୍ଲଷ୍ଟର ପିଲାଇ ପକନ ଓ ମନାଲୁରଠାରେ ପ୍ରତିଷ୍ଠା କରାଯିବ । ବିଶ୍ୱ ଇଲେକ୍ଟ୍ରୋନିକ ସିଷ୍ଟମ ଡିଜାଇନ ଏବଂ ନିର୍ମାଣ କ୍ଷେତ୍ରରେ ଭାରତର ସ୍ଥିତି ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗତକାଲି ଚେନ୍ନାଇରେ ଜେଟ୍ୱାର୍କ ଇଲେକ୍ଟ୍ରୋନିକ୍ସର ନୂଆ ଉତ୍ପାଦନ ବ୍ୟବସ୍ଥାର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ୧୫ଏକର ପରିମିତ ଅଞ୍ଚଳରେ ଏହି କାରଖାନା ତାମିଲନାଡୁର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ଭାରତର ୫ଶହ ବିଲିୟନ ଡଲାର ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ଅବସରରେ ତାମିଲନାଡୁ ପାଇଁ ରେଳ ବଜେଟ୍‌ରେ ୬ହଜାର

କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଥିବା ବିଷୟ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ର ଦ୍ରୁତଗତିରେ ବୃଦ୍ଧି ପାଉଛି ବୋଲି ଶ୍ରୀ ବୈଷ୍ଣବ କହିଥିଲେ ।

## ପଦ୍ମ ଆୱାର୍ଡସ

ପଦ୍ମ ପୁରସ୍କାର ୨୦୨୬ ଲାଗି ଗତକାଲିଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ଏହି ପଦ୍ମ ପୁରସ୍କାର ଲାଗି ନାମାଙ୍କନପତ୍ର ଦାଖଲର ଶେଷ ଦିନ ହେଉଛି, ଚଳିତ ବର୍ଷ ଜୁଲାଇ ୩୧ ତାରିଖ। ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଅନଲାଇନ୍ ମାଧମରେ ପଦ୍ମ ବିଭୂଷଣ, ପଦ୍ମଭୂଷଣ, ପଦ୍ମଶ୍ରୀ ଭଳି ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ଲାଗି ନାମାଙ୍କନ ଏବଂ ସୁପାରିସ ଗ୍ରହଣ କରାଯାଉଛି। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ସମାଜସେବା, ବିଜ୍ଞାନ, ଲୋକସେବା, ବାଣିଜ୍ୟ, ଶିଳ୍ପ, ଜନବ୍ୟାପାର ତଥା ମେଡିସିନ୍ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ନିର୍ବିଶେଷରେ ଉତ୍କୃଷ୍ଟ ବ୍ୟକ୍ତିଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଥାଏ।

## ପିଏମ୍-ପୋଡକାଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରସାରିତ ହେବାକୁ ଥିବା ଲେକ୍ସ ଫ୍ରିଡମ୍ୟାନଙ୍କ ସହ ତାଙ୍କର ପୋଡକାଷ୍ଟ ସାକ୍ଷାତ୍କାରକୁ ଶୁଣିବା ଲାଗି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଲେକ୍ସ ଫ୍ରିଡମ୍ୟାନ ପୋଡକାଷ୍ଟ ସଞ୍ଚାଳନ କରୁଥିବା ଫ୍ରିଡମ୍ୟାନଙ୍କ ସହ ତାଙ୍କର ସାକ୍ଷାତ୍କାର ଆକର୍ଷଣୀୟ ହୋଇଥିଲା । ଏଥିରେ ଶ୍ରୀ ମୋଦୀଙ୍କ ପିଲାଦିନ ଏବଂ ସାଧାରଣ ଜୀବନଯାତ୍ରା ଭଳି ପ୍ରସଙ୍ଗକୁ ସ୍ଥାନିତ କରାଯାଇଥିଲା । ଫ୍ରିଡମ୍ୟାନ କହିଛନ୍ତି ଏହି ୩ ଘଣ୍ଟିଆ ପୋଡକାଷ୍ଟ କଥାବାର୍ତ୍ତା ତାଙ୍କ ଜୀବନର ସବୁଠାରୁ ହୃଦୟସ୍ପର୍ଶୀ କଥାବାର୍ତ୍ତା ଥିଲା ।

## ମାଣ୍ଡବ୍ୟ-ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ଫିଟ୍ ଇଣ୍ଡିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ମୋଟାପଣ ହ୍ରାସ ପ୍ରସଙ୍ଗରେ ଆଲୋଚନା କରାଯିବ । ଏଥିରେ ବିଭିନ୍ନ କ୍ରୀଡ଼ା ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ ଉତ୍ସବରେ ଯୁବବ୍ୟାପାର ଓ

କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଏବଂ ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଯୋଗଦେବେ । ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଆଗାମୀ ଖେଲୋ ଇଣ୍ଡିଆ ପାରା ଗେମ୍‌ସର ଲୋଗୋ ଓ ସଂଗୀତ ଉନ୍ମୋଚନ କରିବେ । ସୂଚନାଯୋଗ୍ୟ ଚଳିତମାସ ୨୦ ତାରିଖରୁ ନୂଆଦିଲ୍ଲୀରେ ଖେଲୋ ଇଣ୍ଡିଆ ପାରା ଗେମ୍‌ସ ଆରମ୍ଭ ହେବ ।

## ରେସ୍‌ଲିଂ ଟିମ୍

ଭାରତୀୟ କୁସ୍ତି ମହାସଂଘ ଚଳିତମାସ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜୋଡାନର ଅମାନରେ ଅନୁଷ୍ଠିତ ହେବାକୁ ଥିବା ସିନିୟର ଏସିଆନ ଚମ୍ପିଆନ୍‌ସିପ ପାଇଁ ଦୀପକ ପୁନିଆ ଏବଂ ଅନ୍ତିମ ପାଙ୍ଗଲଙ୍କୁ ଚୟନ କରିଛି । ଏଥିପାଇଁ ମହାସଂଘ ୩୦ଜଣ କୁସ୍ତିଯୋଦ୍ଧାଙ୍କୁ ଚୟନ କରିଥିବା ଜଣାପଡିଛି । ଆୟୋଜିତ ଚୟନ ପରୀକ୍ଷାରେ ପୁରୁଷ ଫ୍ରି ଷ୍ଟାଇଲ ଏବଂ ଗ୍ରେକୋ-ରୋମାନ ବର୍ଗ ଓ ମହିଳା ବର୍ଗରେ ୧୦ଜଣ ଲେଖାଏଁ କୁସ୍ତି ଯୋଦ୍ଧାଙ୍କୁ ଚୟନ କରାଯାଇଛି । ପୁରୁଷ ଫ୍ରି ଷ୍ଟାଇଲରେ ଚିରାଗ, ଉଦିତ, ସୁଜିତ, ବିଶାଲ କାଲିରମନ, ଦୟଦୀପ, ଚନ୍ଦରମୋହନ, ମୁକୁଲ ଦହିଆ, ଦୀପକ ପୁନିଆ, ଜୟନ୍ତୀ କୁମାର ଏବଂ ଦୀନେଶଙ୍କୁ ଚୟନ କରାଯାଇଥିବାବେଳେ ଗ୍ରେକୋ ରୋମାନ ବର୍ଗରେ ନୀତିନ, ସୁମିତ, ଉମେଶ, ନୀରଜ, କୁଲଦୀପ ମଲ୍ଲିକ, ସାଗର, ରାହୁଲ, ସୁନୀଲକୁମାର,

ନୀତେଶ ଓ ପ୍ରେମ୍‌ଙ୍କୁ ଚୟନ କରାଯାଇଛି । ମହିଳା ବର୍ଗରେ ଅଙ୍କୁଶ, ଆଣ୍ଟିମ, ନିଶୁ, ନେହା ଶର୍ମା, ମୁସ୍କାନ, ମନୀଷା, ମୋନିକା, ମାନ୍‌ସି ଲଥାର, ଜ୍ୟୋତି ବେରୱାଲ ଏବଂ ରିତିକାଙ୍କୁ ଚୟନ କରାଯାଇଛି ।

## ୟୁଏସ୍‌-ଟର୍ଣ୍ଣାଡୋ

ଆମେରିକାର କେନ୍ଦ୍ରୀୟ ଓ ଦକ୍ଷିଣ ଭାଗରେ ଭୟଙ୍କର ଝଡ଼ଯୋଗୁଁ ୧୯ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନେକ ବାସଗୃହ ନଷ୍ଟ ହୋଇଥିବାବେଳେ ଏକାଧିକ ଯାନବାହନ କ୍ଷତିଗ୍ରସ୍ତ ହୋଇଛି । ଗତ ରାତିରେ ଏହି ଝଡ଼ରେ ମିଶୋରୀରେ ୧୧ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଇଣ୍ଡିପେଣ୍ଡେନ୍ସ କାଉଣ୍ଟିରେ ୩ଜଣଙ୍କ ମୃତ୍ୟୁ ଘଟିଛି । ୨୯ରୁ ଅଧିକ ଲୋକ ଏହି ଝଡ଼ରେ ଆହତ ହୋଇଛନ୍ତି । ଭୟଙ୍କର ଧୂଳିଝଡ଼ ଯୋଗୁଁ ୧୦୦ରୁ ଅଧିକ ଜଙ୍ଗଲରେ ନିଆଁ ଲାଗିଯିବାରୁ ଏହି ମୃତ୍ୟୁ ଘଟିଛି । ସେଠାକାର କେତେକ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଲାଗି ପ୍ରଶାସନ ନିର୍ଦ୍ଦେଶ ଦେଇଛି ।

## ହକି ଇଣ୍ଡିଆ ଆୱାର୍ଡ୍‌ସ

ପୁରୁଷ ହକିରେ ଅଧିନାୟକ ହରମନପ୍ରୀତ ସିଂହ ଏବଂ ମହିଳା ହକିରେ ବରିଷ୍ଠ ଗୋଲରକ୍ଷକ ସବିତା ପୁନିଆଙ୍କୁ ବଲବୀର ସିଂହ ସିନିୟର

ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି । ପୁରୁଷ ହକି ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସରେ କ୍ରମାଗତ ଦ୍ୱିତୀୟ କାଂସ୍ୟପଦକ ହାସଲ କରିଥିବାବେଳେ ଟୋକିଓ ଅଲମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳର ସେ ସଦସ୍ୟ ଥିଲେ । ମହିଳା ହକିରେ ଟୋକିଓ ଅଲମ୍ପିକ୍ସରେ ସବିତା ଉନ୍ନତ ପ୍ରଦର୍ଶନ କରିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି । ତୃତୀୟଥର ପାଇଁ ସେ ଏହି ପୁରସ୍କାର ଜିତିଛନ୍ତି ।

ଭାରତୀୟ ହକିର ୧୦୦ ବର୍ଷ ପୂର୍ତ୍ତି ପାଳନ ଏବଂ ୧୯୭୫ରେ କ୍ୱାଲାଲାମପୁରଠାରେ ବିଶ୍ୱକପ୍ ବିଜୟ ଉତ୍ସବ ପାଳନ ଉଦ୍ଦେଶ୍ୟରେ ସପ୍ତମ ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ଉତ୍ସବ ଆୟୋଜନ କରାଯାଇଥିଲା । ଏଥିରେ ୧୯୭୫ ପୁରୁଷ ବିଶ୍ୱକପ୍ ବିଜେତା ଦଳକୁ ହକି ଇଣ୍ଡିଆ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଡବ୍ଲୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ମୁମ୍ବଇ ଇଣ୍ଡିଆନ୍ସ ଦ୍ୱିତୀୟଥର ଲାଗି ଟାଇଟଲ ହାସଲ କରିଛି । ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ହରମନପ୍ରୀତ କୌର ୪୪ଟି ବଲ୍‌ରେ *୬୬*ରନ୍ ସଂଗ୍ରହ କରିବା ପରେ ମୁମ୍ବଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୯ ରନ୍ କରିଥିଲା । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟ ବିନିମୟରେ ମାତ୍ର ୧୪୧ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ହରମନପ୍ରୀତ କୌରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଭାବେ ଘୋଷଣା କରାଯାଇଥିବାବେଳେ ନାଟ୍ ସ୍କିଭର ବ୍ରଣ୍ଟଙ୍କୁ ମୋଷ୍ଟ ଭାଲୁଏବୁଲ ପ୍ଲେୟର ଭାବେ ବିବେଚିତ କରାଯାଇଥିଲା । ୨୦୨୩ରେ ମଧ୍ୟ ପ୍ରଥମ ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ଫାଇନାଲରେ ମୁମ୍ବଇ ଇଣ୍ଡିଆନ୍ସ ଦିଲ୍ଲୀ କ୍ୟାପିଟାଲ୍ସକୁ ୭ ୱିକେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଥିଲା ।